# ସହରାଞ୍ଚଳ ଯୁବକଯୁବତୀଙ୍କୁ ସ୍ୱାବଲମ୍ବୀ କରିବା  ନିମନ୍ତେ ସୁଧ ମୁକ୍ତ ଋଣ ଯୋଜନା – 'ସ୍ୱୟମ୍(ସହରୀ)'ର ମାର୍ଗଦର୍ଶିକା

## ୧.  କ୍ଷୁଦ୍ର ଶିରୋନାମା

ଏହି ଯୋଜନା ସ୍ୱାବଲମ୍ବୀ ଯୁବକଯୁବତୀ, ସ୍ୱତନ୍ତ୍ର ଯୁବ ଉଦ୍ୟମୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବାରୁ 'ସ୍ୱୟମ୍(ସହରୀ)' ନାମରେ ନାମିତ ହୋଇଛି ।

## ୨. ପୃଷ୍ଠଭୂମି

ଯୁବବର୍ଗ ରାଜ୍ୟର ଭବିଷ୍ୟତ ଗଠନର ମୁଖ୍ୟ ପୁରୋଧା ।  ତେଣୁ ସେମାନଙ୍କର ସଶକ୍ତିକରଣ ରାଜ୍ୟର ସମୃଦ୍ଧିକୁ ସୁନିଶ୍ଚିତ କରିଥାଏ। 18-35 ବର୍ଷ ମଧ୍ୟରେ ଥିବା ଯୁବଗୋଷ୍ଠୀ ସମୁଦାୟ ଜନସଂଖ୍ୟାର ସର୍ବାଧିକ ଉତ୍ପାଦନ କ୍ଷମ ବର୍ଗ ଅଟନ୍ତି । ସେମାନଙ୍କୁ ବିଭିନ୍ନ ଉତ୍ପାଦନ ଭିତ୍ତିକ ଓ ଧନ୍ଦାମୂଳକ କାର୍ଯ୍ୟରେ ନିୟୋଜିତ କରିବା ସମୃଦ୍ଧିର ପ୍ରଥମ ସୋପାନ ଅଟେ ।   କିନ୍ତୁ ବହୁ କ୍ଷେତ୍ରରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଯୁବବର୍ଗଙ୍କୁ ବ୍ୟାଙ୍କ ଋଣ ପାଇବା ପାଇଁ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ଏହା ଛଡା ଅନେକ ଯୁବକ ଯୁବତୀ ଅଧିକ ସୁଧ ହାର ଯୋଗୁଁ ବ୍ୟାଙ୍କରୁ ଋଣ ନେବା ପାଇଁ ପଛଘୁଞ୍ଚା ଦେଉଛନ୍ତି । ଅପର ପକ୍ଷରେ ବ୍ୟାଙ୍କ ମାନେ ମଧ୍ୟ ଅନୁଭୂତି ନଥିବା ଯୁବ ବର୍ଗଙ୍କୁ ଉତ୍ପାଦନ ଭିତ୍ତିକ ଓ ଧନ୍ଦାମୂଳକ କାର୍ଯ୍ୟ ନିମନ୍ତେ ଋଣ ଦେବା ପାଇଁ କୁଣ୍ଠା ପ୍ରକାଶ କରୁଛନ୍ତି । ତତ  ସହିତ ବ୍ୟାଙ୍କ ମାନଙ୍କର ବାଧ୍ୟତା ମୂଳକ  ମୂଳଜମା ପଇଠ କରିବା ସର୍ତ୍ତ, ଜଟିଳ ଏବଂ ସମୟ ସାପେକ୍ଷ ପ୍ରଣାଳୀ ମଧ୍ୟ ଯୁବବର୍ଗଙ୍କୁ ଋଣ ନେବାରେ ବାଧା ସୃଷ୍ଟି କରୁଛି ।

ତେଣୁ ଓଡିଶା ସରକାର ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରି ଉତ୍ପାଦନ ଭିତ୍ତିକ ଓ ଧନ୍ଦାମୂଳକ କାର୍ଯ୍ୟ ଆରମ୍ଭ  କରିବା ନିମନ୍ତେ ଏକ ସୁଧ ମୁକ୍ତ ଋଣ ଯୋଜନା ସ୍ୱୟମ (ସହରୀ) ପ୍ରଣୟନ କରିଛନ୍ତି।

## ୩. ମୂଳଲକ୍ଷ୍ୟ

ଏହି ଯୋଜନାରେ ୧୮-୩୫ ବର୍ଷ ବୟସ୍କ (ସ୍ୱତନ୍ତ୍ର ବର୍ଗ ଅର୍ଥାତ ଅନୁସୂଚିତ ଜାତି / ଜନଜାତି / ଭିନ୍ନକ୍ଷମ/କିନ୍ନରଙ୍କ କ୍ଷେତ୍ରରେ ୪୦ ବର୍ଷ) ଯୁବକଯୁବତୀମାନଙ୍କୁ ବିନା ସୁଧରେ ବ୍ୟାଙ୍କ ଋଣ ଯୋଗାଇ ସେମାନଙ୍କର କୌଶଳ, ପ୍ରଶିକ୍ଷଣ, ଦକ୍ଷତା ଏବଂ ସ୍ଥାନୀୟ ପରିବେଶକୁ ସୁହାଇଲା ପରି ଲାଭଜନକ କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କରିବାର ଲକ୍ଷ୍ୟ ରହିଛି । ବେରୋଜଗାରୀ ବା ସ୍ୱଳ୍ପ ରୋଜଗାରକ୍ଷମ ଯୁବକଯୁବତୀଙ୍କୁ ସ୍ଥାନୀୟ ଚାହିଦା ମୁତାବକ ନିର୍ମାଣ, ସେବା ସମ୍ବନ୍ଧୀୟ ଲଘୁ ଉଦ୍ୟୋଗ, ବାଣିଜ୍ୟ ଓ କ୍ଷୁଦ୍ର ବ୍ୟବସାୟ ପାଇଁ ଉତ୍ସାହିତ କରିବା ହେଉଛି ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ।

**୪. ମୁଖ୍ୟ ବୈଶିଷ୍ଟ୍ୟ**

ସହରାଞ୍ଚଳର ସମସ୍ତ ବେରୋଜଗାରୀ ଅଥବା ପୂର୍ବରୁ କେନ୍ଦ୍ର / ରାଜ୍ୟ ସରକାରଙ୍କ କୌଣସି ଯୋଜନାରେ ସମାନ ପ୍ରକାରର ବ୍ୟବସାୟ ପାଇଁ ଋଣ ନେଇ ସମ୍ପୂର୍ଣ୍ଣ ଋଣ ପରିଶୋଧ କରିଦେଇଥିବା ୧୮- ୩୫ ବର୍ଷ ବୟସ୍କ (ସ୍ୱତନ୍ତ୍ର ବର୍ଗଙ୍କ କ୍ଷେତ୍ରରେ ୪୦ ବର୍ଷ) ଆଗ୍ରହୀ ଯୁବକଯୁବତୀଙ୍କୁ ଏକ ନୂତନ ବ୍ୟବସାୟ ଆରମ୍ଭ କରିବା କିମ୍ବା ସେମାନଙ୍କର ଚାଲୁ ରହିଥିବା କ୍ଷୁଦ୍ର ବ୍ୟବସାୟକୁ ବଢ଼ାଇବା ନିମନ୍ତେ ଏହି ଯୋଜନାରେ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବ ।

**୫. ପ୍ରାରମ୍ଭ ଓ ଅବଧି**

ଏହି ଯୋଜନାଟି ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖଠାରୁ ୫ ବର୍ଷ ଯାଏଁ କାର୍ଯ୍ୟକ୍ଷମ ରହିବ ଏବଂ ଏହି ସମୟସୀମା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମତେ ବୃଦ୍ଧି ହୋଇପାରେ ।

**୬. ଧାର୍ଯ୍ୟ ଲକ୍ଷ୍ୟ**

ଆସନ୍ତା ୨ ବର୍ଷରେ ୫୦ ହଜାର ଯୁବକଯୁବତୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଧାର୍ଯ୍ୟ ଲକ୍ଷ୍ୟକୁ ରାଜ୍ୟ ସରକାର ବୃଦ୍ଧି କରିପାରନ୍ତି । ଏହାର ସଫଳ କ୍ରିୟାନ୍ୱୟନ ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ଜିଲ୍ଲା ୱାରୀ ଲକ୍ଷ୍ୟ ଧାର୍ଯ୍ୟ କରିବେ, ଯାହାକୁ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (SLBC) ଜିଲ୍ଲାରେ ଥିବା ବ୍ୟାଙ୍କ ମଧ୍ୟରେ ବଣ୍ଟନ କରିବେ ।

**୭. ଯୋଗ୍ୟତା**

ନିମ୍ନରେ ଉଲ୍ଲେଖ କରାଯାଇଥିବା ମାନଦଣ୍ଡକୁ ପୂରଣ କରୁଥିବା ସହରାଞ୍ଚଳର ଆବେଦନକାରୀ ଏହି ଯୋଜନାରୁ ଲାଭ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ –

**(୭.୧.)** ୧୮ ରୁ ୩୫ ବର୍ଷ ବୟସ ସୀମା ମଧ୍ୟରେ ଥିବା ଯେକୌଣସି ବ୍ୟକ୍ତିବିଶେଷ । ଅନୁସୂଚିତ ଜାତି / ଜନଜାତି / ଭିନ୍ନକ୍ଷମ/କିନ୍ନର ଆବେଦନକାରୀଙ୍କ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ୪୦ ବର୍ଷ ଅଟେ ।

**(୭.୨.)** ଆବେଦନକାରୀଙ୍କ ପରିବାର ରାଜ୍ୟ ସରକାରଙ୍କ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ସାମିଲ ହୋଇଥିବେ କିମ୍ବା ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଥିବା ପରିବାରର ସଦସ୍ୟ ହୋଇଥିବେ । 'ପରିବାର' କହିଲେ ନିଜକୁ ଏବଂ ତାଙ୍କ ସ୍ୱାମୀ / ସ୍ତ୍ରୀ ଙ୍କୁ ବୁଝାଏ ।

**(୭.୩.)** ଆବେଦନକାରୀ ନିଶ୍ଚିତ ଭାବେ 'ଉଦ୍ୟମ' ଯୋଜନାରେ ପଞ୍ଜିକୃତ ହୋଇଥିବେ କିମ୍ବା 'ଉଦ୍ୟମ' ସହାୟକ ନମ୍ବରଧାରୀ ହୋଇଥିବେ ।

**୮. କେଉଁମାନେ ଯୋଗ୍ୟ ବିବେଚିତ ହେବେ ନାହିଁ**

ନିମ୍ନ ଲିଖିତ ଯେକୌଣସି ପରିମାପକ ଅଧୀନରେ ଆସୁଥିବା ଆବେଦନକାରୀ ଏହି ଯୋଜନାରେ ଯୋଗ୍ୟ ବିବେଚିତ ହେବେ ନାହିଁ –

**(୮.୧.)** ଯଦି ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ଯୋଜନାରୁ ସମାନ ପ୍ରକାରର ବ୍ୟବସାୟ ପାଇଁ ଋଣ ନେଇ ତାକୁ ପରିଶୋଧ କରିନଥାନ୍ତି ଅଥବା ବ୍ୟାଙ୍କ/ଅନ୍ୟ ଆର୍ଥିକ ଅନୁଷ୍ଠାନରୁ ଋଣ ନେଇ ଖିଲାପକାରୀ ହୋଇଥାଆନ୍ତି ।

**(୮.୨.)** ଯଦି ନିଜେ ଆବେଦନକାରୀ କିମ୍ବା ତାଙ୍କ ପରିବାରର ଅନ୍ୟ କେହି ସଦସ୍ୟ କେନ୍ଦ୍ର /ରାଜ୍ୟ ସରକାର /ରାଷ୍ଟ୍ରୀୟ ଉଦ୍ୟୋଗ /ବୈଧାନିକ ଅନୁଷ୍ଠାନର ନିୟମିତ କର୍ମଚାରୀ ହୋଇଥିବେ ।

**(୮.୩.)** ଯଦି ପରିବାରର ଅନ୍ୟ କୌଣସି ସଦସ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବେ ।

**୯. ପରିବାରର ସଂଜ୍ଞା**

ଏଠାରେ 'ପରିବାର' କହିଲେ ନିଜକୁ ଏବଂ ତାଙ୍କ ସ୍ୱାମୀ / ସ୍ତ୍ରୀ ଙ୍କୁ ବୁଝାଏ ।

**୧୦. ଯୋଜନାର ପ୍ରୟୋଗ କ୍ଷେତ୍ର**

**(୧୦.୧.)** ନିର୍ମାଣ / ସେବା ପ୍ରଦାନ / ବାଣିଜ୍ୟ / ବ୍ୟବସାୟ ଆଦି ଯେକୌଣସି ଆୟ ବୃଦ୍ଧିକାରୀ ପ୍ରକଳ୍ପ ।

**(୧୦.୨.)** ନୂତନ ବ୍ୟବସାୟ କିମ୍ବା ପୂର୍ବରୁ ଚାଲୁ ରହିଥିବା ବ୍ୟବସାୟକୁ ବଢ଼ାଇବା ପାଇଁ ଆଗ୍ରହୀ ଯୁବକଯୁବତୀ ଏହି ଯୋଜନାରେ ଆବେଦନ କରିପାରିବେ ।

**୧୧. ପ୍ରକଳ୍ପ ମୂଲ୍ୟ**

ଏହି ଯୋଜନାରେ ପ୍ରକଳ୍ପ ମୂଲ୍ୟ ୧ ଲକ୍ଷ ଟଙ୍କା, ଯେଉଁଥିରେ ଋଣଗ୍ରହୀତା ୫ ପ୍ରତିଶତ ମୂଳ ଜମା (Margin Money) ଆକାରରେ ବ୍ୟାଙ୍କ ନିକଟରେ ଅଗ୍ରୀମ ପୈଠ କରିବେ । ଅବଶିଷ୍ଟ ୯୫ ହଜାର ଟଙ୍କାର ଋଣ ବିନା ସୁଧରେ ମିଳିଥାଏ ।

**୧୨. ଯୋଗ୍ୟ ଋଣ ପ୍ରଦାନକାରୀ ଅନୁଷ୍ଠାନ**

କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର୍ ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜେସ (CGTMSE) ଅଧୀନରେ ଆସୁଥିବା ସମସ୍ତ ରାଷ୍ଟ୍ରୀୟ ବ୍ୟାଙ୍କ, ନିର୍ଦ୍ଧାରିତ ଘରୋଇ ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ ମାନେ ଏହି ଯୋଜନାରେ ଭାଗୀଦାର ହେବା ପାଇଁ ଯୋଗ୍ୟ ବିବେଚିତ ହେବେ ।

**୧୩. ସୁଧ ହାର ଓ ଋଣ ପରିଶୋଧ ସୂଚୀ**

ଏହି ଯୋଜନାରେ ସର୍ବାଧିକ ୨ ଟି କିସ୍ତିରେ ହିଁ ଋଣ ପ୍ରଦାନ କରାଯିବ । କେନ୍ଦ୍ର ବା ରାଜ୍ୟ ସରକାରଙ୍କ ସମାନ ପ୍ରକାରର ଯୋଜନା ନିମନ୍ତେ ପ୍ରଯୁଜ୍ୟ ସୁଧ ହାର ବ୍ୟାଙ୍କ ଗୁଡିକ ଦ୍ୱାରା ଲାଗୁ କରାଯିବ । ଋଣ ପରିଶୋଧର ସମୟ ସୀମା ୪ ବର୍ଷ ରହିବ, ଯେଉଁଥିରେ ସମ୍ପୃକ୍ତ ବ୍ୟାଙ୍କ / ଆର୍ଥିକ ଅନୁଷ୍ଠାନର ପ୍ରଚଳିତ ନିୟମାନୁଯାୟୀ ୩ ରୁ ୬ ମାସ ପର୍ଯ୍ୟନ୍ତ ଋଣ ପରିଶୋଧ ରିହାତି ଅବଧି(Moratorium Period) ରହିଛି ।

**୧୪. ଗ୍ୟାରେଣ୍ଟି ବ୍ୟବସ୍ଥା**

କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜେସ (CGTMSE) ର ସହଯୋଗରେ ଏହି ଯୋଜନାଟିରେ ଋଣ ରାଶିର ୧୦୦ ପ୍ରତିଶତ ପର୍ଯ୍ୟନ୍ତ କ୍ରେଡିଟ ଗ୍ୟାରେଣ୍ଟି ପ୍ରଦାନ କରାଯିବ । କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜେସ (CGTMSE)ପ୍ରଦାନ କରୁଥିବା ୮୫ ପ୍ରତିଶତ ଋଣ ଗ୍ୟାରେଣ୍ଟି  ପ୍ରଦାନ କରିବେ । ରାଜ୍ୟ ସରକାର ଅବଶିଷ୍ଟ ୧୫ ପ୍ରତିଶତ  ଋଣ ଗ୍ୟାରେଣ୍ଟି ପ୍ରଦାନ କରିବେ ।

**୧୫. କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜେସ ଦ୍ୱାରା ବାର୍ଷିକ ଗ୍ୟାରେଣ୍ଟି ଦେୟ**

କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜେସ ଏହାର ଗ୍ୟାରେଣ୍ଟି ଅଂଶ ବାବଦ ନିୟମ ମୁତାବକ ବାର୍ଷିକ ଗ୍ୟାରେଣ୍ଟି ଦେୟ ଆଦାୟ କରିବେ । ଋଣଗ୍ରହୀତାଙ୍କ ତରଫରୁ ରାଜ୍ୟ ସରକାର ଏହି ଦେୟ ବହନ କରିବେ ।

**୧୬. ସୁଧ ଉପରେ ରିହାତି**

**(୧୬.୧.)** ମୂଳ ଋଣ ଉପରେ ସମ୍ପୂର୍ଣ ସୁଧ ରାଶି ରାଜ୍ୟ ସରକାର ବହନ କରିବେ । ଫଳସ୍ୱରୂପ ଋଣ ନେଇଥିବା ବ୍ୟକ୍ତିଙ୍କୁ ଆଉ ସୁଧ ଦେବାକୁ ପଡିବ ନାହିଁ । ଋଣ ଗ୍ରହୀତାଙ୍କ ବ୍ୟାଙ୍କ୍‌ଖାତାକୁ ପ୍ରତି ତିନି ମାସରେ ରାଜ୍ୟ ସରକାର ସୁଧ ରାଶି ନୋଡାଲ ବ୍ୟାଙ୍କ ଜରିଆରେ ପ୍ରଦାନ କରିବେ ।

**(୧୬ .୨.)** ବ୍ୟାଙ୍କମାନଙ୍କୁ ସୁଧ ପ୍ରଦାନ ପ୍ରଣାଳୀ ପରବର୍ତ୍ତୀ ସମୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପୃଥକ ଭାବରେ ଅବଗତ କରାଯିବ ।

**୧୭. ପ୍ରୋସେସିଂ ଦେୟ**

ଏହି ଯୋଜନାରେ ଋଣ ପାଇବା ପାଇଁ ବ୍ୟାଙ୍କ କୋଣସି ପ୍ରୋସେସିଂ ଦେୟ ଅଥବା ସେବା ଦେୟ ନେବେ ନାହିଁ ।

**୧୮. ବୀମା ପରିସରଭୁକ୍ତ**

ଏହି ଯୋଜନାରେ ବନ୍ୟା, ବାତ୍ୟା ଓ ଭୂମିକମ୍ପ ଆଦି ସମସ୍ତ ପ୍ରକାରର ଦୁର୍ବିପାକ ନିମନ୍ତେ ବ୍ୟାଙ୍କ ଦ୍ୱାରା ଘୋଷିତ ସମ୍ପତ୍ତି ମୂଲ୍ୟର ୧୧୦ ପ୍ରତିଶତ ରାଶି ବୀମା ପରିସରଭୁକ୍ତ ହେବ । ଏହି ବୀମା ଦେୟକୁ ଋଣ ନେଇଥିବା ବ୍ୟକ୍ତି ହିଁ ବହନ କରିବେ ।

**୧୯. ମୂଳ ଜମା (Margin Money )**

ଋଣ ଗ୍ରହିତା ଆବଶ୍ୟକ ମୋଟ ଋଣ ରାଶିର ୫ ପ୍ରତିଶତ ମୂଳ ଜମା ଆକାରରେ (Margin Money) ବ୍ୟାଙ୍କ ନିକଟରେ ଅଗ୍ରୀମ ପୈଠ କରିବେ ।

**୨୦. ବନ୍ଧକ**

ବ୍ୟାଙ୍କ ଦ୍ୱାରା ଋଣ ମଞ୍ଜୁର ନିମନ୍ତେ କୌଣସି ବନ୍ଧକର ଆବଶ୍ୟକତା ନାହିଁ । ନିର୍ମିତ ହୋଇଥିବା ସଂପତ୍ତି ଗୁଡିକ କେବଳ ବନ୍ଧକ (hypothecated / mortgaged /pledged to banks) ଆକାରରେ ରହିବ ।

**୨୧ କାର୍ଯ୍ୟକାରୀତା ପ୍ରଣାଳୀ ଓ ଦାୟିତ୍ୱ**

**(୨୧.୧.)** ଆବେଦନ ଦାଖଲ କରିବା ନିମନ୍ତେ ଆବେଦନକାରୀ ମୋ ସେବା କେନ୍ଦ୍ରର ସହାୟତା ନେଇପାରିବେ ।

**(୨୧.୨.)** ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ (E & IT Dept.) ଦ୍ୱାରା ମୋ ସେବା କେନ୍ଦ୍ର ନିମନ୍ତେ ସେବା ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

**(୨୧.୩.)** ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ (E & IT Dept.) ଦ୍ୱାରା ମୋ ସେବା କେନ୍ଦ୍ରର ସେବା ପ୍ରଦାନ କାରୀଙ୍କୁ ସଚେତନ କରାଯିବ ।

**(୨୧.୪.)** ଆବେଦନକାରୀ ଯେଉଁ ବ୍ୟାଙ୍କ୍‌ରୁ ଋଣ ନେବାକୁ ଇଚ୍ଛୁକ, ତାହା ଆବେଦନ ସମୟରେ ଦର୍ଶାଇବେ ।

**(୨୧.୫.)** ସଂପୃକ୍ତ ବ୍ୟାଙ୍କ ଆବେଦନ ଦରଖାସ୍ତ ପାଇବା ପରେ ଦରଖାସ୍ତର ଯାଞ୍ଚ ଓ କ୍ଷେତ୍ର ପରିଦର୍ଶନ କରି ଯୋଗ୍ୟ ଆବେଦନକାରୀଙ୍କୁ ଋଣ ମଞ୍ଜୁର କରିବେ ।

**(୨୧.୬.)** କ୍ଷେତ୍ର ପରିଦର୍ଶନ ସମୟରେ ବ୍ୟାଙ୍କ ଆବେଦନକାରୀଙ୍କୁ ଋଣ ମଞ୍ଜୁର କରିବା ପାଇଁ ଆବଶ୍ୟକ ସରଳ ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) ପ୍ରସ୍ତୁତ କରିବାରେ ସହାୟତା ଯୋଗାଇଦେବେ ।

**(୨୧.୭.)** ଆବେଦନ କାରୀ ମୂଳ ଜମା ରାଶି(margin money) ପଇଠ କରିବା ପରେ ହିଁ ବ୍ୟାଙ୍କ ଗୁଡିକ ଆବେଦନକାରୀଙ୍କୁ ଋଣ ରାଶି ପ୍ରଦାନ କରିବେ ।

**(୨୧.୮.)** ଏହି ଯୋଜନାରେ ସର୍ବାଧିକ ୨ ଟି କିସ୍ତିରେ ହିଁ ଋଣ ପ୍ରଦାନ କରାଯିବ ।

**(୨୧.୯.)** ଋଣ ପରିଶୋଧର ସମୟ ସୀମା ୪ ବର୍ଷ ରହିବ, ଯେଉଁଥିରେ ସମ୍ପୃକ୍ତ ବ୍ୟାଙ୍କ / ଆର୍ଥିକ ଅନୁଷ୍ଠାନର ପ୍ରଚଳିତ ନିୟମାନୁଯାୟୀ ୩ ରୁ ୬ ମାସ ପର୍ଯ୍ୟନ୍ତ ଋଣ ପରିଶୋଧ ରିହାତି ଅବଧି (Moratorium Period) ରହିଛି ।

**(୨୧.୧୦.)** ରିହାତି ଅବଧି (Moratorium Period) ପରେ ହିତାଧିକାରୀ ସଂପୃକ୍ତ ବ୍ୟାଙ୍କରେ ନିୟମିତ ମାସିକ କିସ୍ତି ଜମା କରିବେ । ତେବେ ବ୍ୟାଙ୍କ ଦ୍ୱାରା ଉକ୍ତ ରିହାତି ଅବଧି ସମୟରେ ମଧ୍ୟ ସୁଧ ଲାଗୁ କରାଯାଇପାରିବ । ଯଦିଓ ଋଣ ପ୍ରଦାନ ଦିନ ଠାରୁ ସୁଧ ଆଦାୟ ଲାଗୁହେବ, ହିତାଧିକାରୀ ରିହାତି ଅବଧି ପରେ ହିଁ ଋଣ ପରିଶୋଧ କରିବେ ।

**(୨୧. ୧୧.)** ହିତାଧିକାରୀ ଇଚ୍ଛା କଲେ ଧାର୍ଯ୍ୟ ସମୟସୀମା ପୂର୍ବରୁ ଋଣ ପରିଶୋଧ କରିପାରିବେ । ସେମାନେ ମାସିକ କିସ୍ତି ରାଶିକୁ ବଢାଇ ପାରିବେ । ଧାର୍ଯ୍ୟ ସମୟସୀମା ପୂର୍ବରୁ ଋଣ ପରିଶୋଧ କଲେ ଏଥିପାଇଁ ବ୍ୟାଙ୍କଗୁଡିକ କୌଣସି ଜୋରିମାନା ଆଦାୟ କରିବେ ନାହିଁ ।

**(୨୧.୧୨.)** ଗୃହ ଏବଂ ନଗର ଉନ୍ନୟନ ବିଭାଗ / ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ଯୋଜନା କାର୍ଯ୍ୟକାରୀତାରେ ଉପୁଜୁଥିବା ପ୍ରତିବନ୍ଧକ ଦୂର କରିବାରେ ସହାୟତା ପ୍ରଦାନ କରିବେ, ଯୋଜନା ନିୟମାବଳୀ ସଂକ୍ରାନ୍ତ କୌଣସି ପ୍ରଶ୍ନର ସଠିକ୍ ଉତ୍ତର ଦେବେ ଓ ପରିଚାଳନାରେ କୌଣସି ଅସୁବିଧା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବେ ।

**(୨୧.୧୩.)** ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କ ସହିତ ଏହି ଯୋଜନାର ଅଗ୍ରଗତିକୁ ସମୀକ୍ଷା କରିବେ ।

**(୨୧.୧୪.)** ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସମ୍ପୃକ୍ତ ଜିଲ୍ଲାରେ ଏହି ଯୋଜନାର ଅଗ୍ରଗତିକୁ ସମୀକ୍ଷା କରିବେ ।

**(୨୧.୧୫.)** ପୌରାଞ୍ଚଳ ସ୍ତରୀୟ କମିଟି ସମ୍ପୃକ୍ତ ପୌରାଞ୍ଚଳରେ ଏହି ଯୋଜନାର ଅଗ୍ରଗତିକୁ ସମୀକ୍ଷା କରିବେ ।

**(୨୧.୧୬.)** ମହାନଗର ନିଗମର କମିଶନର / ବିଜ୍ଞାପିତ ଅଂଚଳ ପରିଷଦ ଏବଂ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ (ଇଡିପି)ର ଆୟୋଜନ କରିବେ । ଯୁବ ଉଦ୍ୟୋଗୀ ଓ ଋଣ ମଞ୍ଜୁର ହୋଇଥିବା ହିତାଧିକାରୀମାନଙ୍କୁ ଅର୍ଥ, ଉତ୍ପାଦନ, ବିପଣନ, ଉଦ୍ୟୋଗ ପରିଚାଳନା, ବ୍ୟାଙ୍କିଂ ଔପଚାରିକତା, ହିସାବ କିତାବ, ବୈଧାନିକ ଅଙ୍ଗୀକାରବଦ୍ଧତା ଭଳି ବିଭିନ୍ନ ପରିଚାଳନାଗତ କାର୍ଯ୍ୟ ସମ୍ବନ୍ଧରେ ଅବଗତ କରାଇ ବ୍ୟବସାୟକୁ ଫଳପ୍ରଦ ଓ ସୁବ୍ୟବସ୍ଥିତ କରିବା ପାଇଁ ସଚେତନ କରାଯିବ । ଏହି ପ୍ରଶିକ୍ଷଣ ଅନଲାଇନ କିମ୍ବା ଅଫଲାଇନ ଜରିଆରେ ହେବ ।

**(୨୧.୧୭.)** ବସ୍ତିରେ ବସବାସ କରୁଥିବା ଯୁବବର୍ଗଙ୍କ କ୍ଷେତ୍ରରେ "ବସ୍ତି ବାସିନ୍ଦା ସଂଘ (SDA)"ର ଦାୟିତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ, ଯେପରିକି ସଚେତନତା ଶିବିର ଆୟୋଜନକରି ଯୁବବର୍ଗଙ୍କ ମଧ୍ୟରେ ଏହି ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟିକରିବା, ଉଦ୍ୟମ (UDYAM) ପଞ୍ଜିକରଣରେ ସହାୟତା ପ୍ରଦାନ କରିବା, ଏହି ଯୋଜନାରେ ଲାଭାନ୍ୱିତ ହେବାପାଇଁ ସହଯୋଗ କରିବା ଏବଂ ବାଙ୍କ/ବିତ୍ତୀୟ ସଂସ୍ଥାକୁ ସଠିକ ତଥ୍ୟ ପ୍ରଦାନ କରିବା ।

## ୨୨. ପ୍ରଶାସନିକ ଖର୍ଚ୍ଚ

ଯୋଜନା ରାଶିର ୩ ପ୍ରତିଶତ ଅର୍ଥ ପ୍ରଶାସନିକ ଖର୍ଚ୍ଚ ବାବଦରେ ସଚେତନତା ଶିବିର, ରାଜ୍ୟ / ଜିଲ୍ଲା / ପୌରାଞ୍ଚଳ ସ୍ତରୀୟ ତଦାରଖ ବୈଠକ, କର୍ମଶାଳା, ପ୍ରଦର୍ଶନୀ, ବ୍ୟାଙ୍କମାନଙ୍କ ସହ ଆଲୋଚନା, ସୂଚନା-ଶିକ୍ଷା-ସଂଚାର କାର୍ଯ୍ୟକ୍ରମ, ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ (ଇଡିପି) ପ୍ରଶିକ୍ଷଣ, କାର୍ଯ୍ୟକ୍ରମର ମୂଲ୍ୟାୟନ ତଥା ଏହାର ପ୍ରଭାବ ସଂପର୍କିତ ଅଧ୍ୟୟନ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଭିତ୍ତିଭୂମି ସୃଷ୍ଟି ଓ ଉନ୍ନତିକରଣ, ପୁରସ୍କାର, କଲ ସେଣ୍ଟର ସୁବିଧା ଇତ୍ୟାଦି ନିମନ୍ତେ ଖର୍ଚ୍ଚ କରାଯିବ ।

## ୨୩. ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ (ଇଡିପି)

ବ୍ୟାଙ୍କ ଓ ସଂପୃକ୍ତ ବିଭାଗ ସହଯୋଗରେ ମହାନଗର ନିଗମର କମିଶନର / ବିଜ୍ଞାପିତ ଅଂଚଳ ପରିଷଦ ଏବଂ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ (ଇଡିପି)ର ଆୟୋଜନ କରିବେ । ଯୁବ ଉଦ୍ୟୋଗୀ ଓ ଋଣ ମଞ୍ଜୁର ହୋଇଥିବା ହିତାଧିକାରୀମାନଙ୍କୁ ଅର୍ଥ, ଉତ୍ପାଦନ, ବିପଣନ, ଉଦ୍ୟୋଗ ପରିଚାଳନା, ବ୍ୟାଙ୍କିଂ ଔପଚାରିକତା, ହିସାବ କିତାବ, ବୈଧାନିକ ଅଙ୍ଗୀକାରବଦ୍ଧତା ଭଳି ବିଭିନ୍ନ ପରିଚାଳନାଗତ କାର୍ଯ୍ୟ ସମ୍ବନ୍ଧରେ ଅବଗତ କରାଇ ବ୍ୟବସାୟକୁ ଫଳପ୍ରଦ ଓ ସୁବ୍ୟବସ୍ଥିତ କରିବା ପାଇଁ ସଚେତନ କରାଯିବ । ଏହି ପ୍ରଶିକ୍ଷଣ ଅନଲାଇନ କିମ୍ବା ଅଫଲାଇନ ଜରିଆରେ ହେବ ।

**୨୪. ଅଭିଯୋଗ ସମାଧାନ**

ଆବେଦନକାରୀ ଜନ ଶୁଣାଣୀ ପୋର୍ଟାଲ ମାଧ୍ୟମରେ କିମ୍ବା ସଂପୃକ୍ତ ୱାର୍ଡ / ପୌରାଞ୍ଚଳ / ଜିଲ୍ଲା / ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ନିଜର ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗ ପାଇବା ମାତ୍ରେ, ସଂପୃକ୍ତ ଅଧିକାରୀ ଏହାର ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ ।

**୨୫. ସମୀକ୍ଷା ବା ଅଡିଟ**

ଏହି ଯୋଜନାର ବ୍ୟୟ ଗୃହ ଏବଂ ନଗର ଉନ୍ନୟନ ବିଭାଗର ଆଭ୍ୟନ୍ତରୀଣ ଅଡିଟ୍ ଓ ଆକାଉଣ୍ଟାଣ୍ଟ ଜେନେରାଲ, ଓଡିଶାଙ୍କ ଦ୍ୱାରା ସମୀକ୍ଷା କରାଯିବ ।

**୨୬. 5T ଚାର୍ଟର / ମୋ ସରକାର**

ଏହି ଯୋଜନାଟି ରାଜ୍ୟ ସରକାରଙ୍କ 5T ମାର୍ଗାଦର୍ଶିକା ଅନୁଯାଇ ପ୍ରସ୍ତୁତ କରାଯାଇଛି । ଅଧିକନ୍ତୁ, ସୁପରିଚାଳନା ନିମନ୍ତେ ଏହାକୁ 'ମୋ ସରକାର' କାର୍ଯ୍ୟକ୍ରମରେ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ ।

**୨୭. ତଦାରଖ**

**(୨୭.୧.) ପୌରାଞ୍ଚଳ ସ୍ତରୀୟ**

**(୨୭.୧.୧.)** ପ୍ରତ୍ୟେକ ପୌରାଞ୍ଚଳରେ  ନିମ୍ନଲିଖିତ ସଦସ୍ୟ ମାନଙ୍କୁ ନେଇ ପୌରାଞ୍ଚଳ ସ୍ତରୀୟ କମିଟି ଗଠନ କରାଯିବ ଓ ପ୍ରତି ମାସରେ ଏହି କମିଟିର ବୈଠକ ଅନୁଷ୍ଠିତ ହେବ, ଯାହାକି . ପୌରାଞ୍ଚଳ ସମ୍ବନ୍ଧୀୟ ସମସ୍ତ ଯୋଜନାର କାର୍ଯ୍ୟକାରୀତା ଉପରେ ନଜର ରଖିବ ।

| | | |
|---|---|---|
| କ. ମହାନଗର ନିଗମର କମିଶନର / ବିଜ୍ଞାପିତ ଅଂଚଳ ପରିଷଦ ଏବଂ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ | - | ଅଧ୍ୟକ୍ଷ |
| ଖ. ପୌରାଞ୍ଚଳରେ ଥିବା ସମସ୍ତ ବ୍ୟାଙ୍କର ପ୍ରତିନିଧି | - | ସଦସ୍ୟ |
| ଗ. ଶିଳ୍ପ ପ୍ରୋତ୍ସାହନ ଅଧିକାରୀ | - | ସଦସ୍ୟ |
| ଘ. ପୌରାଞ୍ଚଳ ଦ୍ୱାରା ମନୋନୀତ ୨ ଜଣ ସଦସ୍ୟ | - | ସଦସ୍ୟ |

**(୨୭. ୨.) ଜିଲ୍ଲା ସ୍ତରୀୟ**

**(୨୭. ୨. ୧.)** ପ୍ରତ୍ୟେକ ଜିଲ୍ଲାରେ ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ । ପ୍ରତି ମାସରେ ଏହି କମିଟିର ବୈଠକ ଅନୁଷ୍ଠିତ ହୋଇ ଜିଲ୍ଲାରେ ଯୋଜନାର କାର୍ଯ୍ୟକାରୀତାକୁ ତଦାରଖ କରାଯିବ ।

| | | |
|---|---|---|
| କ. ଜିଲ୍ଲାପାଳ | - | ଅଧ୍ୟକ୍ଷ |
| ଖ. ଲିଡ ଜିଲ୍ଲା ପରିଚାଳକ (LDM) | - | ସଦସ୍ୟ |
| ଗ. ସହକାରୀ ଅଧୀକ୍ଷକ, ନାବାର୍ଡ | - | ସଦସ୍ୟ |
| ଘ. ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର | - | ସଦସ୍ୟ |
| ଙ. ଜିଲ୍ଲା ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନ | - | ସଦସ୍ୟ |
| ଚ. ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ୨ ଜଣ ସଦସ୍ୟ | - | ସଦସ୍ୟ |
| ଛ. ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା | - | ଆବାହକ ସଦସ୍ୟ |

**(୨୭. ୩.) ରାଜ୍ୟ ସ୍ତରୀୟ**

**(୨୭. ୩ .୧.)** ଏହି ଯୋଜନାର ତଦାରଖ ନିମନ୍ତେ ନିମ୍ନଲିଖିତ ସଦସ୍ୟ ମାନଙ୍କୁ ନେଇ ରାଜ୍ୟସ୍ତରୀୟ କମିଟି ଗଠନ କରାଯିବ । ପ୍ରତି ତିନି ମାସରେ ଥରେ ଏହି କମିଟିର ବୈଠକ ଅନୁଷ୍ଠିତ ହେବ ।

| | | |
|---|---|---|
| କ. ମୁଖ୍ୟ ଶାସନ ସଚିବ | - | ଅଧ୍ୟକ୍ଷ |
| ଖ. ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଏବଂ ନଗର ଉନ୍ନୟନ ବିଭାଗ | - | ସଦସ୍ୟ |
| ଗ. ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ | - | ସଦସ୍ୟ |
| ଘ. ପ୍ରମୁଖ ଶାସନ ସଚିବ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | - | ସଦସ୍ୟ |
| ଙ. ପ୍ରମୁଖ ଶାସନ ସଚିବ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | - | ସଦସ୍ୟ |
| ଚ. କମିଶନର ତଥା ସଚିବ, ମିଶନ ଶକ୍ତି ବିଭାଗ | - | ସଦସ୍ୟ |
| ଛ. ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ | - | ସଦସ୍ୟ |
| ଜ. ଆବାହକ, ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି | - | ସଦସ୍ୟ |
| ଝ. ନିର୍ଦ୍ଦେଶକ, ଗୃହ ନିର୍ମାଣ | - | ଆବାହକ ସଦସ୍ୟ |

**୨୮. ଅନ୍ୟାନ୍ୟ**

**(୨୮.୧.)** ଗୃହ ଏବଂ ନଗର ଉନ୍ନୟନ ବିଭାଗ / ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ଯୋଜନା କାର୍ଯ୍ୟକାରୀତାରେ ଉପୁଜୁଥିବା ପ୍ରତିବନ୍ଧକ ଦୂର କରିବାରେ ସହାୟତା ପ୍ରଦାନ କରିବେ, ଯୋଜନା ନିୟମାବଳୀ ସଂକ୍ରାନ୍ତ କୌଣସି ପ୍ରଶ୍ନର ସଠିକ୍ ଉତ୍ତର ଦେବେ ଓ ପରିଚାଳନାରେ କୌଣସି ଅସୁବିଧା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବେ ।

**(୨୮.୨.)** ରାଜ୍ୟ ସରକାର ଯେକୌଣସି ସମୟରେ ଏହି ଯୋଜନାରେ ଥିବା ଉପରୋକ୍ତ ବ୍ୟବସ୍ଥା ଗୁଡିକରେ ସଂଶୋଧନ, ପରିବର୍ତ୍ତନ, ଆଂଶିକ ପରିବର୍ତ୍ତନ, କେତେକ ସଂଯୋଗୀକରଣ କିମ୍ବା ପ୍ରତ୍ୟାହାର କରିପାରିବେ ଏବଂ ଏହି ସଂଶୋଧନ, ପରିବର୍ତ୍ତନ, ଆଂଶିକ ପରିବର୍ତ୍ତନ, କେତେକ ସଂଯୋଗୀକରଣ କିମ୍ବା ପ୍ରତ୍ୟାହାର ଆଦେଶରେ ଲିଖିତ ନିର୍ଦ୍ଦିଷ୍ଟ ତାରିଖରୁ ହିଁ କାର୍ଯ୍ୟକାରୀ ହେବ ।

ଆଦେଶ

ଓଡ଼ିଶା ଗେଜେଟର ଏକ ବିଶେଷ ପରିସଂଖ୍ୟାନରେ ଏହି ରିଜୋଲ୍ୟୁସନ ପ୍ରକାଶ ପାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟପାଳଙ୍କ ଆଦେଶ ଅନୁଯାୟୀ,

ସ୍ୱା/-

ଅତିରିକ୍ତ ମୁଖ୍ୟ ଶାସନ ସଚିବ